ତା.୧୭.୦୧.୨୦୧୪

**କଂଗ୍ରେସ ପାର୍ଟି ରାହୁଲ ଗାନ୍ଧିଙ୍କ ନେଇ ଆଶଙ୍କା ବୃଦ୍ଧି କରିଅଛି ।**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ବର୍ତ୍ତମାନ କଂଗ୍ରେସ ପାର୍ଟି ତାହାର ପ୍ରଧାନ ମନ୍ତ୍ରୀ ପ୍ରାର୍ଥୀ ଘୋଷଣା ନକରିବାକୁ ସ୍ଥିର କରିଅଛି । କିନ୍ତୁ ସେ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ନିର୍ବାଚନ ପ୍ରଚାର କାର୍ଯ୍ୟ କରିବ । ବଂଶାନୁକ୍ରମିକ ରାଜନୀତି କିପରି ଏକ ଦଳକୁ ନଷ୍ଟ କରିଦିଏ ତାହା ଉକ୍ତ ଘଟଣାରୁ ସ୍ପଷ୍ଟ ହୁଏ । ଦୀର୍ଘ ୨୫ ବର୍ଷ ଧରି ଗାନ୍ଧି ପରିବାର ଏ ଦେଶର ପ୍ରଧାନମନ୍ତ୍ରୀ ପଦରେ ରହିନାହାନ୍ତି । ଗାନ୍ଧି ପରିବାର ଗୋଟିଏ ଦଳକୁ ନିୟନ୍ତ୍ରଣରେ ରଖିପାରନ୍ତି ମାତ୍ର ଦେଶକୁ ନୁହେଁ । ତେଣୁ ୨୦୧୪ ନିର୍ବାଚନରେ ହାରିବାର ସମ୍ଭାବନା ଦେଖି ସମସ୍ତ ଦୋଷ ରାହୁଲ ଗାନ୍ଧିଙ୍କ ଉପରେ ଲଦା ନହେବା ଲାଗି ତାଙ୍କୁ ପ୍ରଧାନ ମନ୍ତ୍ରୀ ପ୍ରାର୍ଥୀ ପାଇଁ ଘୋଷଣା କରାଯାଇନାହିଁ ।

୧୩ ଡ଼ିସେମ୍ବରରେ ଶ୍ରୀମତୀ ସୋନିଆ ଗାନ୍ଧି ସଠିକ ସମୟରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇ ନାମ ଘୋଷଣା କରାଯିବ ବୋଲି ପ୍ରକାଶ କରିଥିବା ବେଳେ ବର୍ତ୍ତମାନ ଏକ ପ୍ରେସ କନଫରେନ୍ସରେ ଡ଼ଃ ମନମୋହନ ସିଂହ ରାହୁଲ ଗାନ୍ଧିଙ୍କୁ ଗୋଟିଏ ସୁଯୋଗ ଦେବା କଥା ମଧ୍ୟ ପ୍ରକାଶ କରିଥିଲେ । ତେବେ ପାର୍ଟି ବର୍ତ୍ତମାନ କେଉଁ କଥାକୁ ଭୟ କରେ ? ଦିଲ୍ଲୀର ବିଧାନ ସଭା ନିର୍ବାଚନ ସମୟରେ କେବଳ ରାହୁଲ ଗାନ୍ଧିଙ୍କର ଏକ ସାଧାରଣ ବୈଠକ ହୋଇଥିଲା ଓ କୌଣସି କେନ୍ଦ୍ରୀୟ ନେତା ମଧ୍ୟ ନିର୍ବାଚନ ପ୍ରଚାର ପାଇଁ ଯାଇ ନଥିଲେ । ତେଣୁ ଏଭଳି ପ୍ରତିକୂଳ ପରିସ୍ଥିତିରେ ସେମାନେ ନିଜର ଏକମାତ୍ର ଗୋଟିକୁ ପକାଇବାକୁ ଚାହୁଁନାହାନ୍ତି । ଓପିନିୟନ ପୋଲ ଅନୁଯାୟୀ ନରେନ୍ଦ୍ର ମୋଦିଙ୍କୁ ସର୍ବାଧିକ ରେଟିଂ ମିଳିଥିବା ବେଳେ ରାହୁଲ ଗାନ୍ଧିଙ୍କୁ ଖୁବ କମ ରେଟିଂ ମିଳିଅଛି । ତେଣୁ ବୋଧହୁଏ ବାସ୍ତବତାକୁ ଦୃଷ୍ଟିରେ ରଖି ଆଗକୁ ସରକାର ଗଠନ କରିବା ସମ୍ଭାବନ ନଦେଖି ସେମାନେ ମିଛଟାରେ ରାହୁଲ ଗାନ୍ଧିଙ୍କୁ ବଳି ପକାଇବାକୁ ଚାହୁଁନାହାନ୍ତି । କାରଣ ୨୦୧୪ ର ନିର୍ବାଚନର ହାର ଜିତ ସବୁ ରାହୁଲ ଗାନ୍ଧିଙ୍କ ଉପରେ ହିଁ ନ୍ୟସ୍ତ ହେବ । କାରଣ କଂଗ୍ରେସ ପାର୍ଟିର ପୂର୍ବରୁ ବିଶ୍ୱାସ ଥିଲା ବା ତାକୁ ଭ୍ରାନ୍ତ ଭାବରେ ଧାରଣା

ଦିଆଯାଇଥିଲା କି, ଗାନ୍ଧି ପରିବାର କେବେ ବିଫଳ ହେବେ ନାହିଁ ବା ଭୂଲ କରିବେନି । ତାଙ୍କୁ କେବେ ମଧ୍ୟ କୈଫିୟତ ଦେବାକୁ ହେବନାହିଁ । ଯାହା କରିବ କେବଳ କଂଗ୍ରେସ ଦଳ କରିବ । କାହିଁକି ନା କଂଗ୍ରେସ ଦଳ କହିଲେ କେବଳ ଗାନ୍ଧି ପରିବାରକୁ ବୁଝାଉଥିଲା ।